3rd Sem

Total Pages—6

III-UG-C1-Maj—ODIA-V

2025

ODIA

Full Marks : 100

Time : 3 hours

Answer **all** questions

The figures in the right-hand margin indicate marks

PART—I

୧। ନିମ୍ନୋକ୍ତ ସମସ୍ତ ପ୍ରଶ୍ନର ଅତି ସଂକ୍ଷିପ୍ତ ଉତ୍ତର ଦିଅ : ୧ × ୧୦

(କ) 'ବିବିଧ ପ୍ରବଂଧ' କାହାର ପ୍ରସିଦ୍ଧ ପ୍ରବଂଧ ସଂକଳନ ? ଏହା ପ୍ରଥମେ କେଉଁ ମସିହାରେ ପ୍ରକାଶିତ ହୋଇ-ଥିଲା ?

(ଖ) 'ଅବସର ବାସରେ' ରେ ସମୁଦାୟ କେତେଗୋଟି କବିତା ଥାନିତ ? ଏହାର ପ୍ରଥମ ପ୍ରକାଶନ କାଳ ଉଲ୍ଲେଖ କର ।

(ଗ) 'ଆଲେଖିକା' କାହାର ଗାଥା କବିତା ସଂକଳନ ? ଏଥିରେ ସମୁଦାୟ କେତେଗୋଟି କବିତା ସ୍ଥାନିତ ?

(ଘ) 'ସୀତା ବିବାହ' କେଉଁ ମସିହାରେ ପ୍ରକାଶଲାଭ କଲା ? ଏହାର ମୁଖବନ୍ଧ (ଅନୁକ୍ରମଣିକା) କିଏ ଲେଖିଥିଲେ ?

(ଙ) 'ଅଙ୍କ ପ୍ରଶ୍ନ ସମାଧାନ'ର ପ୍ରକାଶକାଳ ଲେଖ । ଏହି ପୁସ୍ତକ କେଉଁ ପ୍ରେସ୍‌ରୁ ଛପା ଯାଇଥିଲା ?

(ଚ) 'ଯଯାତି କେଶରୀ' କାବ୍ୟର ସ୍ରଷ୍ଟା କିଏ ? ଏହା କେଉଁ ବିଦେଶୀ ସାହିତ୍ୟ କୃତି ଦ୍ୱାରା ପ୍ରଭାବିତ ?

(ଛ) 'ଆର୍ଯ୍ୟଜୀବନ' ପ୍ରବଂଧ ପୁସ୍ତକର ସ୍ରଷ୍ଟା କିଏ ? ଏଥିରେ କେତୋଟି ଅଧ୍ୟାୟ ସନ୍ନିବେଶିତ ?

(ଜ) 'କଳିକାଳ' ନାଟକର ନାଟ୍ୟକାର କିଏ ? ଏହାର ପ୍ରଥମ ପ୍ରକାଶକାଳ ଉଲ୍ଲେଖ କର ।

(ଝ) 'Narrative of the Mission to Orissa' ପୁସ୍ତକ କିଏ କେଉଁ ମସିହାରେ ପ୍ରକାଶ କରିଥିଲେ ?

(ଞ) ବାଲେଶ୍ୱର ସମ୍ବାଦ ବାହିକାର ସଂପାଦକ କିଏ ଥିଲେ ? କାହା ପୃଷ୍ଠପୋଷକତାରେ 'ଉତ୍କଳ ଦର୍ପଣ' ପ୍ରକାଶଲାଭ କରୁଥିଲା ?

PART—II

9। ନିମ୍ନୋକ୍ତ *ପ୍ରତ୍ୟେକ* ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ପ୍ରଦାନ କର : 9 × ୮

(କ) 'ଉତ୍କଳ ସାଧୁଭାଷାର୍ଥାଭିଧାନ' ସଂପର୍କରେ ଏକ ଟିପ୍ପଣୀ ଲେଖ ।

(ଖ) ମିଶନାରୀ ଓଡ଼ିଆ ପତ୍ରିକା ସଂପର୍କରେ ଆଲୋଚନା କର ।

(ଗ) ମଧୁସୂଦନ ରାଓ ପ୍ରଣୀତ 'ବର୍ଣ୍ଣବୋଧ'ରେ କେତୋଟି ଓଡ଼ିଆ ସ୍ୱରବର୍ଣ୍ଣ କଥା କୁହାଯାଇଛି ସେଗୁଡ଼ିକ କ'ଣ କ'ଣ ?

(ଘ) ଉତ୍କଳ ସରଳ ବ୍ୟାକରଣ ବହିଟି କାହାର ? ଏଥିରେ କେତୋଟି ସ୍ୱରବର୍ଣ୍ଣ କଥା କୁହାଯାଇଛି ଓ ସେଗୁଡ଼ିକ କ'ଣ କ'ଣ ?

(ଙ) 'କାରା କବିତା' ରେ କେତୋଟି କବିତା ରହିଛି ? ଏଥିରେ କେତେ ପ୍ରକାରର ପ୍ରୀତି ସମ୍ବଳିତ କବିତା ରହିଛି ଓ ସେଗୁଡ଼ିକ କ'ଣ କ'ଣ ?

(ଚ) ବିଶ୍ୱନାଥ କାରଙ୍କ ବିବିଧ ପ୍ରବଂଧରେ କେତୋଟି ପ୍ରବଂଧ ସ୍ଥାନିତ ? ତାଙ୍କ ପ୍ରବଂଧ ଗୁଡ଼ିକ ପ୍ରକାଶଲାଭ କରିଥିବା ପତ୍ରିକାଗୁଡ଼ିକର ନାମ ଉଲ୍ଲେଖ କର ।

(ଛ) ଜଗନ୍ମୋହନ ଲାଲଙ୍କ ନାଟକଗୁଡ଼ିକର ନାମ ଲେଖ ।

(ଜ) 'ରସ ରତ୍ନାକର' କାହାର ରଚନା ବିଶେଷ ଅଟେ ? ଏହା କେଉଁ ବିଶେଷ ଶୈଳୀରେ ରଚିତ ?

(ଝ) 'କୃଷକ ସଂଗୀତ' କାହାର କବିତା ସଂକଳନ ? ଏଥିରେ କି କି ପ୍ରସଂଗର କବିତା ସ୍ଥାନିତ ?

PART – III

୩। ନିମ୍ନୋକ୍ତ ଯେ କୌଣସି *ଆଠଗୋଟି* ପ୍ରଶ୍ନର ସଂକ୍ଷିପ୍ତ ଟିପ୍ପଣୀ ପ୍ରଦାନ କର : ୫ × ୮

(କ) ରାଧାନାଥଙ୍କ କାବ୍ୟରେ ପାଶ୍ଚାତ୍ୟ ପ୍ରଭାବ ।

(ଖ) ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନର ସୂତ୍ରପାତ ।

(ଗ) ରାଧାନାଥଙ୍କ କବିତାରେ ଅମିତ୍ରାକ୍ଷର ଛନ୍ଦର ପ୍ରୟୋଗ ।

(ଘ) ନୀଳକଂଠଙ୍କ ପ୍ରବନ୍ଧର ପ୍ରମୁଖ ଦିଶା ।

(ଙ) ମଧୁସୂଦନ ରାଓଙ୍କ ପ୍ରବଂଧର ଆବେଦନ ।

(ଚ) ବାଲେଶ୍ୱରରେ ମୁଦ୍ରଣ ଯନ୍ତ୍ରର ଇତିହାସ ।

(ଛ) ମଂଗରାଜ ଚରିତ୍ରର ବିଶେଷତ୍ୱ ।

(ଜ) କାମପାଳ ମିଶ୍ରଙ୍କ ନାଟକର ବିଶେଷତ୍ୱ ।

(ଝ) ଉନବିଂଶ ଶତାବ୍ଦୀରେ ପ୍ରଚଳିତ ଓଡ଼ିଆ ପାଠ୍ୟପୁସ୍ତକ ।

(ଞ) କୀଚକ ବଧରେ ପ୍ରକୃତି ଚିତ୍ରଣରେ ନୂତନତା ।

PART – IV

୪। ଯେ କୌଣସି *୪ଟିର* ଉତ୍ତର ପ୍ରତ୍ୟେକକୁ ୮୦୦ ଶବ୍ଦରେ ପ୍ରଦାନ କର : ୮ × ୪

(କ) ଆଧୁନିକ ଓଡ଼ିଆ ସାହିତ୍ୟର ପୃଷ୍ଠଭୂମିରେ ଇଂରାଜୀ ଶିକ୍ଷାର ବିସ୍ତାର କିପରି ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲା — ଆଲୋଚନା କର ।

(ଖ) ସତ୍ୟବାଦୀ ସାହିତ୍ୟ ଧାରାର ସ୍ୱାତନ୍ତ୍ର୍ୟ ପ୍ରତିପାଦନ କର ।

(ଗ) ରାଧାନାଥ ରାୟଙ୍କ କାବ୍ୟ କବିତାର ବୈଶିଷ୍ଟ୍ୟ ଉଲ୍ଲେଖ କର ।

(ଘ) ରାମଶଙ୍କର ରାୟଙ୍କ ନାଟକର ଶିଳ୍ପ ଓ ସ୍ୱାତନ୍ତ୍ର୍ୟ ସଂପର୍କରେ ବର୍ଣ୍ଣନା କର ।

(ଙ) ପଣ୍ଡିତ ନୀଳକଣ୍ଠଙ୍କ ପ୍ରବନ୍ଧଗୁଡ଼ିକର ଆଭିମୁଖ୍ୟ ସ୍ପଷ୍ଟ କରି ତଦୀୟ ଶୈଳୀର ସ୍ୱତନ୍ତ୍ରତା ନିରୂପଣ କର ।
